

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ବିକାଶର ଧାରା ଓଡ଼ିଶା ସାରା

## ଦୁଇବର୍ଷର (୨୦୨୪- ୨୬) ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମହିଳାମାନଙ୍କୁ ସୁରକ୍ଷା, ସମ୍ମାନ ଓ ସ୍ୱାବଲମ୍ବନ ପ୍ରଦାନ ସହ ସଶକ୍ତିକରଣ ଏବଂ ଶିଶୁଙ୍କୁ ପୋଷଣ ତଥା ପ୍ରାରମ୍ଭିକ ଶିକ୍ଷା ମାଧ୍ୟମରେ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ କାର୍ଯ୍ୟକାରୀ ବିବିଧ ଯୋଜନା ସହ ନିରନ୍ତର ପ୍ରୟାସରତ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ।

### ସୁଭଦ୍ରା: ମହିଳା ସଶକ୍ତିକରଣର ଯୁଗାନ୍ତକାରୀ ଯୋଜନା

୨୧ ରୁ ୬୦ ବର୍ଷ ବୟସ୍କା ପ୍ରତି ଯୋଗ୍ୟ ମହିଳାଙ୍କୁ ଦୁଇ କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କା ହିସାବରେ ପାଞ୍ଚ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା ।

**ଅଦ୍ୟାବଧି**

- **୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ**
- **୨୦,୦୦୦ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ଆବଣ୍ଟିତ**




### ପୋଷଣ ଅଭିଯାନ

୦-୬ ବର୍ଷ ବୟସର ଶିଶୁ, କିଶୋରୀ, ଗର୍ଭବତୀ ମହିଳା ଏବଂ ପ୍ରସୂତୀ ମା'ମାନଙ୍କ ପୋଷଣ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ । THR ପ୍ରଦାନ କରାଯାଉଥିବା **୯୮.୬୯%** ହିତାଧିକାରୀଙ୍କ ମୁହଁ ଚିହ୍ନଟ (FRS) ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି । NFHS-6 ଅନୁଯାୟୀ ଶିଶୁଙ୍କ ଗେଡ଼ାପଣ ହାର **୩୧.୦%ରୁ ୨୬.୮%କୁ** ହ୍ରାସ ପାଇଛି । ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଛି ।




ପୋଷଣ ନିମନ୍ତେ ଜନଆନ୍ଦୋଳନରେ

**ଅଦ୍ୟାବଧି**

- **ଯୋଗ ଦେଇଛନ୍ତି ୨ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣ**

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

କନ୍ୟା ବିବାହ ଜନିତ ଚିନ୍ତା ଲାଘବ ନିମନ୍ତେ ଆର୍ଥିକ ଦୁର୍ବଳ ପରିବାରର ସହାୟତା ପାଇଁ ପ୍ରତି ହିତାଧିକାରିଣୀଙ୍କୁ ୬୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନର ବ୍ୟବସ୍ଥା ।



**ବର୍ତ୍ତମାନ ସୁଦ୍ଧା**

- **୧୩୮୦ କନ୍ୟାଙ୍କ ବିବାହ ସମ୍ପନ୍ନ**
- **ବ୍ୟୟ - ୮,୩୬,୩୮,୮୭୪ ଟଙ୍କା**

### ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା



ଏହି ଯୋଜନାରେ ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇ ଥିବା ୩-୬ ବର୍ଷ ବୟସର ପ୍ରାକ୍-ବିଦ୍ୟାଳୟ ଶିଶୁମାନଙ୍କୁ ୨ ହଳ ୟୁନିଫର୍ମ, ୧ ଜୋତା ମୋଜା ଏବଂ ଗୋଟିଏ ସ୍ୱେଟର ପ୍ରଦାନ କରାଯାଏ ।

**ଅଦ୍ୟାବଧି**

- **ଉପକୃତ ହିତାଧିକାରୀ - ୩୫,୧୭,୮୪୩**
- **ବ୍ୟୟ - ୧୬,୪୧୬.୨୩ କୋଟି ଟଙ୍କା**

### ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଏକୀକୃତ ଯୋଜନା



୧୮ ବର୍ଷ ୭ ମାସରୁ ଊର୍ଦ୍ଧ୍ୱ ଏବଂ ୪୫ ବର୍ଷରୁ କମ୍ ବୟସ୍କା ଗର୍ଭବତୀ ଓ ପ୍ରସୂତିଙ୍କୁ ପୋଷଣ ପ୍ରଦାନ ପାଇଁ କନ୍ୟା ସନ୍ତାନ ଜନ୍ମ କ୍ଷେତ୍ରରେ ୧୨,୦୦୦ ଟଙ୍କା ଏବଂ ପୁତ୍ର ସନ୍ତାନ ପାଇଁ ୧୦,୦୦୦ ଟଙ୍କା ପ୍ରଦାନ କରାଯାଉଛି ।

**ଅଦ୍ୟାବଧି**

- **ଉପକୃତ ହିତାଧିକାରୀ - ୮.୮୦ ଲକ୍ଷ**
- **ବ୍ୟୟ - ୧୩୮.୩୪ କୋଟି ଟଙ୍କା**

### ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା



ଏହି ଯୋଜନା ୧୫-୧୯ ବର୍ଷର କିଶୋରୀ, ଗର୍ଭବତୀ ଓ ପ୍ରସୂତି ଏବଂ ଅତିଶୟ କୁପୋଷିତ (SAM, MAM & SUW) ଶିଶୁମାନଙ୍କୁ ପୁଷ୍ଟିର ଉନ୍ନତି ପାଇଁ ଉଦ୍ଦିଷ୍ଟ ।

**ଅଦ୍ୟାବଧି**

- **ଉପକୃତ ହିତାଧିକାରୀ - ୧୨,୮୮,୬୭୪**
- **ବ୍ୟୟ - ୧୩୧.୫୦ କୋଟି ଟଙ୍କା**

**ମହିଳା ଓ ଶିଶୁ ବିକାଶ ବିଭାଗ**
**ଓଡ଼ିଶା ସରକାର**

ପୁଲିସ୍ ହେଲ୍ପଲାଇନ୍ **୧୧୨** | ମହିଳା ହେଲ୍ପ ଲାଇନ **୧୮୧** | ଚାଇଲ୍ଡ ହେଲ୍ପ ଲାଇନ **୧୦୯୮** | ସୁଭଦ୍ରା ହେଲ୍ପ ଲାଇନ **୧୪୬୭୮** | ପୋଷଣ **୧୫୧୫**

## ଅଦ୍ୱିକା



କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ, ପୋଷଣ, ଏବଂ ଜୀବନ କୌଶଳ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶୀଳତା ମାଧ୍ୟମରେ ସଶକ୍ତ କରିବାର ଏହା ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ଏହି କ୍ରମରେ ପ୍ରତି ଶନିବାର ଅଙ୍ଗନୱାଡ଼ି କେନ୍ଦ୍ରରେ ଅଦ୍ୱିକା ଦିବସ ପାଳନ କରାଯାଇ କିଶୋରୀମାନଙ୍କୁ IFA ବଟିକା ଏବଂ ଅଣ୍ଡା ପ୍ରଦାନ ସହ ପରାମର୍ଶ ମାଧ୍ୟମରେ ସଚେତନ କରାଯାଉଛି ।

## ଆମ କୁନି ପିଲା



୦ ରୁ ୩ ବର୍ଷ ବୟସର ଶିଶୁମାନଙ୍କ ପାଇଁ ଥିବା ଏହି ପଦକ୍ଷେପ ପାରିବାରିକ ଲାଳନପାଳନ ଏବଂ ଗୃହଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ଦିଏ ।

**ଅଦ୍ୟାବଧି**

- **ବ୍ୟୟ - ୧,୭୯୬.୪୫ ଲକ୍ଷ ଟଙ୍କା**

## ଆରୋହଣ



ଏଥିରେ ଅଙ୍ଗନୱାଡ଼ି କେନ୍ଦ୍ରରୁ ବାଳବାଟିକା-୩ କୁ ଉନ୍ନିତ ଶିଶୁମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ମିନି ସ୍କୁଲ ବ୍ୟାଗ, ଟିଫିନ୍ ବକ୍ସ, ପାଣି ବୋତଲ, ରଙ୍ଗ ପେନ୍ସିଲ (Crayons), ପଜଲ୍, ଜୁମ୍ବୋ ଡ୍ରୟିଂ ସିଟ୍ ଇତ୍ୟାଦି ବଣ୍ଟନ କରାଯାଏ ।

## ପିଏମ୍ ଜନମନ

ଯୋଜନା ଅଧୀନରେ ଓଡ଼ିଶାର ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ (PVTGs) ଅଧ୍ୟୁଷିତ ଅଞ୍ଚଳରେ ଜୀବନର ମାନରେ ଉନ୍ନତି ଏବଂ ମୌଳିକ ସେବା ଓ ଜୀବିକାର ସୁଯୋଗ ନିମନ୍ତେ **୮୯ଟି** ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରାଯାଇଛି ।

## ଯଶୋଦା

ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଉଚ୍ଚ ଶିକ୍ଷା, ପୋଷଣ ଓ ପୁନର୍ବାସ ସହାୟତା ସହିତ ପରିବାରକୈନ୍ଦ୍ରିକ ଯତ୍ନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ।



**ଅଦ୍ୟାବଧି**

- **ଉପକୃତ ହିତାଧିକାରୀ - ୪,୬୨୫**
- **ବ୍ୟୟ - ୪.୩୮ କୋଟି ଟଙ୍କା**

## ମିଶନ ବାତ୍ସଲ୍ୟ

ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଥିବା ଶିଶୁମାନଙ୍କୁ ଆନୁଷ୍ଠାନିକ ଯତ୍ନ ସେବା (Child Care Institutions) ଏବଂ ଅଣ-ଆନୁଷ୍ଠାନିକ ଯତ୍ନ ସେବା ଯଥା Sponsorship, Foster Care, Adoption ଓ Aftercare ମାଧ୍ୟମରେ ସେବା ପ୍ରଦାନର ଏହା କେନ୍ଦ୍ର ପ୍ରାୟୋଜିତ ଯୋଜନା ।



**ଅଦ୍ୟାବଧି**

- **ବୈଷୟିକ ଶିକ୍ଷା ପ୍ରାପ୍ତ -୧,୭୬୬**
- **ନିଯୁକ୍ତି ପ୍ରାପ୍ତ - ୩୯୦**
- **CWC ପୁନର୍ଗଠିତ - ୨୫**

## ଆମେ ପଢ଼ିବା, ଆମ ଭାଷାରେ

ଛଅଟି ଜନଜାତି ପ୍ରଧାନ ଜିଲ୍ଲାର 140ଟି ଅଙ୍ଗନବାଡ଼ି କେନ୍ଦ୍ରରେ, ଶିଶୁମାନଙ୍କୁ ମାତୃଭାଷା-ଆଧାରିତ ଶିକ୍ଷା ପ୍ରଦାନ କରା ଯାଉଛି ।



**ଅଦ୍ୟାବଧି**

- **ପାଣ୍ଠି ଆବଣ୍ଟିତ - ୩୬୮.୧ ଲକ୍ଷ ଟଙ୍କା**

## ମିଶନ ଶକ୍ତି

ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ପାଇଁ ଏହି ସମନ୍ୱିତ ଯୋଜନାରେ ରହିଛି

**ମହିଳା ହେଲ୍ପ ଲାଇନ୍ ନଂ ୧୮୧**
**ୱାନ୍ ଷ୍ଟପ୍ ସେଣ୍ଟର୍-୩୦ ଟି**
**ସଖୀ ନିବାସ - ୧୬ ଟି**
**ଶକ୍ତି ସଦନ - ୬୮ ଟି**

## ବେଟି ବଚାଓ, ବେଟି ପଢ଼ାଓ

ଏହି ଅଭିଯାନ ମାଧ୍ୟମରେ ଶିଶୁ ଲିଙ୍ଗାନୁପାତ ସମସ୍ୟାର ସମାଧାନ ଏବଂ କନ୍ୟାମାନଙ୍କର ଶିକ୍ଷା ଓ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନିଆ ଯାଉଛି ।



## କଳିକା - କ୍ରେଚ୍ ଯୋଜନା



କର୍ମକ୍ଷେତ୍ରରେ ମହିଳାଙ୍କ ଭାଗୀଦାରୀକୁ ପ୍ରୋତ୍ସାହିତ କରିବା କଳିକାର ଉଦ୍ଦେଶ୍ୟ । ଏହା ଦ୍ୱାରା କର୍ମଦିବସ ମଧ୍ୟରେ ୬ ମାସରୁ ୬ ବର୍ଷ ବୟସର ଶିଶୁମାନଙ୍କ ଯତ୍ନର ସୁବିଧା ଦେଇ କର୍ମଜୀବୀ ମାଆମାନଙ୍କୁ ସମର୍ଥନ କରାଯାଉଛି ।



**ଅଦ୍ୟାବଧି**

- **ମୋଟ୍ କ୍ରେଚ୍ - ୩,୫୦୧**